# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**17 May - 2026**

**************************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨୫ ତାରିଖରେ ପଦ୍ମ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି
- ସିବିଏସ୍‌ଇ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାର ପୁନଃ ମୂଲ୍ୟାୟନ ଦେୟ ହ୍ରାସ
- ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ

ଏବଂ

- ସୁସ୍ଥ ନୀରୋଗ ଓ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା 'ସଣ୍ଡେ ଅନ୍ ସାଇକେଲ'

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରିବେ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ସମାରୋହରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ବିଜେତାଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯିବ। ଓଡ଼ିଶାରୁ ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି।

## ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତା ପୁନଃ ମୂଲ୍ୟାୟନ ଦେୟ' ହ୍ରାସ କରାଯାଇଛି। କେନ୍ଦ୍ର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର କହିଛନ୍ତି, ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍ତର ଖାତାର ପୁନଃମୂଲ୍ୟାଙ୍କନ ଲାଗି ପ୍ରଶ୍ନ ପିଛା ୨୫ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଛି। ପୁନଃମୂଲ୍ୟାୟନ ପରେ ମାର୍କ ବୃଦ୍ଧି ହେଲେ ଦେୟ ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି ବୋଲି ଶ୍ରୀ କୁମାର କହିଛନ୍ତି।

**- V/O -**

ନିଷ୍ପତ୍ତି ଅନୁସାରେ, ଛାତ୍ରଛାତ୍ରୀମାନେ ଉତ୍ତର ଖାତାର ସ୍କାନ କପି ପାଇବା ପାଇଁ ୧୦୦ ଟଙ୍କା ଦେୟ ଦେବେ। ସେହିଭଳି ନମ୍ବର ଭେରିଫିକେଶନ ପାଇଁ ମଧ୍ୟ ୧୦୦ ଟଙ୍କା ଦେବାକୁ ପଡିବ। ପୂର୍ବରୁ ସ୍କାନ କପି ପାଇଁ ୭୦୦ ଓ ନମ୍ବର ଭେରିଫିକେଶନ ପାଇଁ ୫୦୦ ଟଙ୍କା ଦେବାକୁ ପଡୁଥିଲା।

## ନୀତିନଙ୍କ ଓଡିଶା ଗସ୍ତ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଆଜିଠାରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ନୀତିନ ନବୀନଙ୍କର ଏହା ପ୍ରଥମ ଓଡିଶା ଗସ୍ତ। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆସନ୍ତାକାଲି ହେବାକୁ ଥିବା କୋର କମିଟି ବୈଠକରେ ଶ୍ରୀ ନବୀନ ଯୋଗଦେବେ  ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଶ୍ରୀ ନବୀନଙ୍କୁ ସ୍ୱାଗତ କରିବା ସହ ତାଙ୍କ ମାର୍ଗଦର୍ଶନ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରିବ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ଶ୍ରୀ ନବୀନ ଆସନ୍ତାକାଲି ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଭିଯାନ ଶିବିରକୁ ଉଦ୍‌ଘାଟନ କରିବେ। ପରେ ଶ୍ରୀ ନବୀନ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀ ମୋର୍ଚ୍ଚା

ସଭାପତି ଓ ମନ୍ତ୍ରୀ ପରିଷଦ ବୈଠକରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ପ୍ରକଳ୍ପ କାର୍ଯ୍ୟାଦେଶ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ନିମାପଡା ଟାଉନ୍‌ହଲ୍‌ଠାରେ ୧୫୩ଟି ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ୩୧ଟି ମହିଳା ସମିତି ଗୃହ ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଗୃହ ମହିଳାମାନଙ୍କର ସଭା କରିବା ପାଇଁ ବେଶ୍ ସହାୟକ ହେବ। ମହିଳା ସଶକ୍ତୀକରଣ ଏବଂ ଗ୍ରାମାଞ୍ଚଳ ବିକାଶରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀମତୀ ପରିଡା ଆଶା ବ୍ୟକ୍ତ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଜନଶୁଣାଣି

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଆସନ୍ତାକାଲି ଏବଂ ପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଣ୍ଡେ ଅନ୍ ସାଇକେଲ

ସୁସ୍ଥ, ନିରୋଗ ଓ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱରରେ 'ସଣ୍ଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମକୁ କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭାରମ୍ଭ କରିଛନ୍ତି। ଫିଟ୍ ଇଣ୍ଡିଆ, ଫିଟ୍ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଓ ସମସ୍ତଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ବ୍ୟସ୍ତବହୁଳ ଜୀବନ ଓ ବଢୁଥିବା ତୈଳ ସଂକଟ ସମୟରେ ସାଇକେଲ ଚଳାଇବା କେବଳ ଶରୀରକୁ ସୁସ୍ଥ ରଖେନାହିଁ; ବରଂ ଇନ୍ଧନ ଓ ପରିବେଶକୁ ମଧ୍ୟ ସୁରକ୍ଷିତ କରିଥାଏ। ସାଇକେଲକୁ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସବୁଜ ଓ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ଆଗକୁ ବଢ଼ିବା ପାଇଁ ଶ୍ରୀ ସୂରଜ ଆହ୍ୱାନ ଦେଇଛନ୍ତି।

**- V/O –**

**ୱାଇ.ବି. ଖୁରାନିୟା**

ରାଜ୍ୟରେ ଅପରାଧ ତଥା ଅପରାଧୀଙ୍କ ଦମନ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଉଛି ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିୟା କହିଛନ୍ତି। ଶ୍ରୀ ଖୁରାନିୟା କହିଛନ୍ତି ଅପରାଧ ଓ ଅପରାଧୀମାନଙ୍କ ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ପ୍ରତ୍ୟେକଟି ଅପରାଧର ଜବାବ ଦେବା ଲାଗି ପୁଲିସ୍ ପ୍ରଶାସନ ପ୍ରସ୍ତୁତ

ରହିଛି। ଅପରାଧୀମାନେ ଅପରାଧ ଘଟାଇବା ବଦଳରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ପୁଲିସ୍ ମହାନିର୍ଦ୍ଦେଶକ ଆହ୍ୱାନ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୫ ଦିନ ମଧ୍ୟରେ ରାଜ୍ୟରେ ୧ ହଜାର ୭୦୦ରୁ ଅଧିକ ଜାମିନ୍‌ବିହୀନ ଗିରଫ ପରୱାନା ଜାରି କରାଯାଇଛି। ୬ ଜଣଙ୍କ ବିରୁଦ୍ଧରେ ଜାତୀୟ ସୁରକ୍ଷା ଆଇନ୍ ଲାଗୁ କରାଯାଇଥିବାବେଳେ ୫୦ ରୁ ଅଧିକ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ କହିଛନ୍ତି, ଗୁଇନ୍ଦା ସୂଚନା ଆଧାରରେ ଜେଲ୍ ଫେରନ୍ତାଙ୍କ ଉପରେ କଡା ନଜର ରଖାଯାଇଛି। ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଅପରାଧୀଙ୍କ ବିରୋଧରେ ଏହି ଅଭିଯାନ ଜାରି ରହିବ। ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି କଡାକଡି କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନେ ସଜାଗ ଅଛନ୍ତି।

## ବନ୍ୟା ପ୍ରସ୍ତୁତି

ଆଗାମୀ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଆସନ୍ତା ୨୬ ତାରିଖରେ ଏକ ପ୍ରାକ୍ ବନ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ବିଭାଗର ସମ୍ମିଳନୀ କକ୍ଷରେ ବନ୍ୟାର ମୁକାବିଲା ଓ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯିବ। ଏଥିସହ ବିଭିନ୍ନ ଅଂଚଳରେ ବନ୍ୟା ନିୟନ୍ତ୍ରଣ, ବିପଦ ସ୍ଥିତିର ଆକଳନ ଏବଂ ଜରୁରିକାଳୀନ ପରିସ୍ଥିତିର ମୁକାବିଲା

ସମ୍ପର୍କରେ ଆଲୋଚନା ହେବ। ବୈଠକରେ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ।

## ରଥ ନିର୍ମାଣ

ଆଗାମୀ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନି ରଥର ୩୯ଟି ଚକ ନିର୍ମାଣ ସହ ଚାରି ନହକା ନିର୍ମାଣ ମଧ୍ୟ ଶେଷ ହୋଇଛି। ତିନି ରଥର ଢମକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବାକି ୩ ରଥର ଶେଷ ଗୋଟିଏ ଗୋଟିଏ ଚକର ସିଙ୍ଗଡାବାଡିଆ କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକମାନେ ତିନିରଥ ସାଲଗୁଜରେ ରୂପ  ଖୋଦେଇ ସହ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଏବଂ ରୂପଗୁଡ଼ିକରେ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି।

## ପଂଚାୟତ ପୁରସ୍କାର

ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଂଚାୟତ ପୁରସ୍କାର ପାଇଁ ଓଡ଼ିଶାରୁ ୫ଟି ପଂଚାୟତକୁ ମନୋନୀତ କରାଯାଇଛି। ଆସନ୍ତାମାସ ୩ ତାରିଖରେ ନୂଆଦିଲ୍ଲୀଠାରେ ଏହି ପୁରସ୍କାର ବିତରଣ କରାଯିବ।

ଦୀନଦୟାଲ ଉପାଧ୍ୟାୟ ପଂଚାୟତ ଶତତ ବିକାଶ ପୁରସ୍କାର  ବର୍ଗରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅଧୀନ ପୋଟଲାମପୁର ଗ୍ରାମ ପଂଚାୟତ ସୁସ୍ଥ ଗ୍ରାମପଂଚାୟତ ଭାବେ ଦେଶରେ ଯୁଗ୍ମ ତୃତୀୟ ସ୍ଥାନ ଅଧୀକାର କରିଛି। ଏହି

ପଂଚାତୟକୁ ୨୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ। ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଂଚାୟତ ବର୍ଗରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ଗ୍ରାମପଂଚାୟତ ସର୍ବ ଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧୀକାର କରିଛି। ୫୦ ଲକ୍ଷ ଟଙ୍କାର ଅର୍ଥରାଶି ଏହି ପଂଚାୟତକୁ ମିଳିବ।

ସ୍ୱଚ୍ଛ ଓ ସବୁଜ ଗ୍ରାମପଂଚାୟତ ବର୍ଗରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ଗ୍ରାମପଂଚାୟତ ଦେଶରେ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ପଂଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ।

ସେହିପରି ସାମାଜିକ ଭାବେ ସୁରକ୍ଷିତ ଓ ସାମାଜିକ ନ୍ୟାୟସଙ୍ଗତ ଗ୍ରାମପଂଚାୟତ ବର୍ଗରେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ଗ୍ରାମପଂଚାୟତ ଦେଶରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ପଂଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ନାନାଜୀ ଦେଶମୁଖ ସର୍ବୋତ୍ତମ ପଂଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ପରିଷଦ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଜିଲ୍ଲା ପରିଷଦକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ।

## ବିଶ୍ୱ ଦୂରସଂଚାର ଦିବସ

ବିଶ୍ୱ ଦୂରସଞ୍ଚାର ଏବଂ ସାମାଜିକ ସୂଚନା ଦିବସ ଆଜି ପାଳିତ ହେଉଛି । ୧୮୬୫ ମସିହାରେ ପ୍ୟାରିସ୍‌ରେ ମିଳିତ ଜାତିସଂଘର ଡିଜିଟାଲ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଭାବେ ଆନ୍ତର୍ଜାତିକ ଦୂରସଞ୍ଚାର ସଂଘ ପ୍ରତିଷ୍ଠିତ ହୋଇଥିଲା । ଏହାର ସ୍ମୃତିରେ ପ୍ରତିବର୍ଷ ମେ’ ୧୭ ତାରିଖକୁ ବିଶ୍ୱ ଦୂରସଞ୍ଚାର ଏବଂ ସାମାଜିକ ସୂଚନା ଦିବସ ଭାବେ ପାଳନ କରାଯାଉଛି ।

ଇଣ୍ଟରନେଟ୍ ସହ ଅନ୍ୟାନ୍ୟ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ସଚେତନତା ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- ‘ପ୍ରଯୁକ୍ତିବିଦ୍ୟା ଜୀବନରେଖା: ସଂଗଠିତ ବିଶ୍ୱ ପାଇଁ ନିରନ୍ତରତାକୁ ସୁଦୃଢ଼ କରିବା’ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଗତକାଲି ଆଣ୍ଡାମାନ ସାଗର ସ୍ପର୍ଶ କରିଛି । ମୌସୁମୀବାୟୁ ଦକ୍ଷିଣ-ପୂର୍ବ ଆରବସାଗରର କିଛି ଅଂଶ, ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରର କିଛି ଅଞ୍ଚଳକୁ ଆଜି ସନ୍ଧ୍ୟା ସୁଦ୍ଧା ଅଗ୍ରସର ହେବାର ଅନୁମାନ କରାଯାଇଛି । ଆଣ୍ଡାମାନର ନିକୋବର ଦୀପପୁଞ୍ଜ ଏବଂ ଶ୍ରୀବିଜୟପୁରମ୍ ସହିତ ଏହି ଅଞ୍ଚଳର ଅନ୍ୟ ଦ୍ୱୀପପୁଞ୍ଜଗୁଡିକୁ ମୌସୁମୀ ଛୁଇଁବ । ଅନ୍ୟପକ୍ଷରେ

କାଳବୈଶାଖୀର ପ୍ରଭାବରେ ଆଗାମୀ ଚାରିଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଆଜି ଅପରାହ୍ଣ ସାଢ଼େ ଦୁଇଟା ସୁଦ୍ଧା ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା ।